# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**18 April – 2025**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଖୁବ୍ ଶୀଘ୍ର ୫ ଲକ୍ଷ ୯୦ ହଜାର ଯୋଗ୍ୟ ହିତାଧିକାରୀଙ୍କୁ ବଣ୍ଟନ କରାଯିବ ନୂଆ ରାସନକାର୍ଡ
- ଓଡ଼ିଶା' ସାହିତ୍ୟ, ସଂସ୍କୃତି ଓ ଆଧ୍ୟାତ୍ମିକତାର ମୂଳ କେନ୍ଦ୍ର; କହିଲେ, ରାଜ୍ୟପାଳ
- ଏନ୍‌ଟିଏ ପକ୍ଷରୁ ଆସନ୍ତାକାଲି ପ୍ରକାଶ ପାଇବ ଜେଇଇ-ମେନ୍ ଦ୍ୱିତୀୟ ସେସନ୍ ପରୀକ୍ଷାଫଳ

ଏବଂ

- ୟୁନେସ୍କୋର ମେମୋରୀ ଅଫ୍ ଦ ୱାର୍ଲ୍ଡ ରେଜିଷ୍ଟରରେ ଶ୍ରୀମଦ୍‌ଭଗବଦ୍‌ଗୀତା ଏବଂ ନାଟ୍ୟଶାସ୍ତ୍ର ସ୍ଥାନିତ

## ରାସନକାର୍ଡ

ରାଜ୍ୟର ୫ ଲକ୍ଷ ୯୦ ହଜାର ହିତାଧିକାରୀଙ୍କୁ ଖୁବ୍‌ଶୀଘ୍ର ନୂଆ ରାସନ କାର୍ଡ ବଣ୍ଟନ କରାଯିବ ବୋଲି ଖାଦ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଆସନ୍ତା ୨୨ ତାରିଖ ସୁଦ୍ଧା ରାସନକାର୍ଡ ପ୍ରସ୍ତୁତ ରଖିବାକୁ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳଙ୍କ ଦ୍ୱାରା ନିର୍ଦ୍ଧାରିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି କାର୍ଡଗୁଡ଼ିକୁ ବଣ୍ଟନ ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି....

**-V/O-***(Krushna Ch. Patra)*

ସୂଚନାଯୋଗ୍ୟ, ନୂଆ ରାସନକାର୍ଡ ପାଇବା ପାଇଁ ପ୍ରାୟ ୭ ଲକ୍ଷ ଆବେଦନକାରୀ ରହିଛନ୍ତି। ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ପାଇଁ ରାଜ୍ୟବ୍ୟାପୀ ଇ-କେଓ୍ୱାଇସି ପ୍ରକ୍ରିୟା ଜାରି ରହିଛି।

## ଲିଟେରାରୀ ଫେଷ୍ଟିଭାଲ୍

ଓଡ଼ିଶା ଭାଷା, ସାହିତ୍ୟ, ସଂସ୍କୃତି ଓ ଆଧ୍ୟାତ୍ମିକତାର ମୂଳ କେନ୍ଦ୍ର ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ପୁରୀଠାରେ ଆୟୋଜିତ ୩ ଦିନିଆ ସାହିତ୍ୟ ମହୋତ୍ସବକୁ ଆଜି ଉଦ୍‌ଘାଟନ କରି ଶ୍ରୀ କମ୍ଭମପାଟି କହିଛନ୍ତି, ପୁରୀ କେବଳ ଏକ ଭୌଗୋଳିକ ସ୍ଥାନ ନୁହେଁ, ଏହା ଭାରତର କାଳଜୟୀ ଆଧ୍ୟାତ୍ମିକ ଏବଂ କଳାତ୍ମକ ପରମ୍ପରାର ଏକ ଜୀବନ୍ତ ପ୍ରତୀକ। ଏହି ମହୋତ୍ସବ ଭାରତର ସାଂସ୍କୃତିକ ଐତିହ୍ୟ ଓ ପ୍ରଗତିଶୀଳ ଆକାଂକ୍ଷାର ଏକ ଉତ୍ସବ। ଓଡ଼ିଶାର ପରମ୍ପରା, ଐତିହ୍ୟ ସମ୍ପର୍କରେ ଭାରତ ତଥା ଅନ୍ତର୍ଜାତୀୟ

ସ୍ତରର ଲେଖକ ଲେଖିକା ଅବଗତ ହେବାର ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ କହିଛନ୍ତି ।

କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ଓଡ଼ିଶା ସରକାର ଏବଂ ନ୍ୟାସନାଲ ବୁକ୍ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ପୁରୀରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ୱେଭ୍ - ଏକ୍ସ

କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଏଲ୍.ମୁରୁଗାନ୍ ଆଜି ମୁମ୍ବାଇଠାରେ ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ମନୋରଞ୍ଜନ ସମ୍ମିଳନୀ - ୱେଭ୍ସ୍ର ଆୟୋଜନ ଓ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ବୈଠକରେ ୱେଭ୍-ଏକ୍ସ, ଡିଜିଟାଲ ମିଡିଆ, ନବସୃଜନ ଆଦି ସମ୍ପର୍କରେ ଆଲୋଚନା ହୋଇଛି । ସୂଚନାଯୋଗ୍ୟ, ମୁମ୍ବାଇରେ ଆସନ୍ତା ମାସ ପହିଲାରୁ ୪ ତାରିଖ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ପକ୍ଷରୁ ୱେଭ୍ସ୍ର ଆୟୋଜନ କରାଯାଉଛି ।

## ରଥଯାତ୍ରା ପ୍ରସ୍ତୁତି ବୈଠକ

ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ କରିବା ନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୂଜାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରଥଯାତ୍ରା ସମୟରେ ଟ୍ରାଫିକ ପରିଚାଳନା, ଭିଡ ନିୟନ୍ତ୍ରଣ ପାଇଁ ପୁଲିସ୍ ମୁତୟନ, ସିସିଟିଭି ସ୍ଥାପନ ତଥା ରଥଯାତ୍ରା ପରିଚାଳନାରେ ବିଭିନ୍ନ ବିଭାଗର ସେବା ପ୍ରଦାନକୁ ସମନ୍ୱିତ କରିବା ଲକ୍ଷ୍ୟରେ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷ, ପାର୍କିଂ ବ୍ୟବସ୍ଥା, ରଥନିର୍ମାଣ ପ୍ରସ୍ତୁତି ଆଦି ବ୍ୟବସ୍ଥା ସମ୍ପର୍କରେ ଆଲୋଚନା

ହୋଇଥିଲା। ବୈଠକରେ ମୁଖ୍ୟ ଶାସନ ସଚିବ, ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିୟା ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ପ୍ରମୁଖ  ଉପସ୍ଥିତ ଥିଲେ।

## ସମୀକ୍ଷା ବୈଠକ

ରାଜ୍ୟରେ ଚାଲିଥିବା ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପରେ ଜଙ୍ଗଲ ଜମିର ଚୂଡାନ୍ତ ମଞ୍ଜୁରୀକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ଜଙ୍ଗଲ ବିଭାଗ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ୨୬ଟି ପ୍ରକଳ୍ପର ଅଗ୍ରଗତି ସମୀକ୍ଷା ହୋଇଛି। ଏହାସହ ଜଙ୍ଗଲ ଜମିର ଚୂଡାନ୍ତ ମଞ୍ଜୁରୀ ଦିଗରେ ରହିଥିବା ବିଭିନ୍ନ ସମସ୍ୟା ଏବଂ ସମାଧାନ ସମ୍ପର୍କରେ ଆଲୋଚନା ହୋଇଛି। ବୈଠକରେ ଅତିରକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ନିଯୁକ୍ତି

ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ଭାବେ କାର୍ଯ୍ୟରତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କୁ  କେନ୍ଦ୍ର ସଂସଦୀୟ ବ୍ୟାପାର ସଚିବ ଭାବେ ନିଯୁକ୍ତି ମିଳିଛି।  ସେହିଭଳି କେନ୍ଦ୍ରୀୟ ଡେପୁଟେସନରେ ଥିବା ୧୯୯୪ ବ୍ୟାଚ୍ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସନ୍ତୋଷ ଷଡଙ୍ଗୀଙ୍କୁ ନୂତନ ଏବଂ ନବୀକରଣ ଯୋଗ୍ୟ ଶକ୍ତି ମନ୍ତ୍ରଣାଳୟର ସଚିବ ଭାବେ ନିଯୁକ୍ତି ମିଳିଛି। ଏଥିସହ ରଞ୍ଜନା ଚୋପ୍ରାଙ୍କୁ ସଂସ୍କୃତି ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ମିଳିଥିବା ନେଇ କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ପିଏମ୍-ନାଟ୍ୟଶାସ୍ତ୍ର

ଶ୍ରୀମଦ୍‌ଭଗବତଗୀତା ଏବଂ ଭରତମୁନିଙ୍କ ନାଟ୍ୟଶାସ୍ତ୍ର ୟୁନେସ୍କୋର ମେମୋରି ଅଫ୍ ଦ ୱାର୍ଲଡ ରେଜିଷ୍ଟର୍‌ରେ ସ୍ଥାନ ପାଇଛି। ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅନ୍ତର୍ଭୁକ୍ତିକୁ ଭାରତ କାଳଜୟୀ ଜ୍ଞାନ ଏବଂ ସମୃଦ୍ଧ ସଂସ୍କୃତିର ବିଶ୍ୱସ୍ତରୀୟ ସ୍ୱୀକୃତି ବୋଲି ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଉଭୟ ଗୀତା ଓ ନାଟ୍ୟଶାସ୍ତ୍ର ଶତାବ୍ଦୀ ଶତାବ୍ଦୀ ଧରି ସଭ୍ୟତା ଓ ଚେତନାକୁ ପରିପୁଷ୍ଟ କରି ଆସିବା ସହ ବିଶ୍ୱକୁ ପ୍ରେରଣା ଦେଉଛି ।

ଶ୍ରୀମଦ୍ ଭଗବତ୍ ଗୀତା ଓ ନାଟ୍ୟଶାସ୍ତ୍ର ବିଶ୍ୱ ଚିନ୍ତନକୁ ପ୍ରେରଣା ଦେଇଛି, ପ୍ରଭାବିତ କରିଛି ଏବଂ ସମୃଦ୍ଧ କରିଛି ବୋଲି ସାମାଜିକ ଗଣମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ୟୁନେସ୍କୋ ମେମୋରି ଅଫ୍ ଦ ୱାର୍ଲଡ ସମ୍ମାନ ଆମ ପୁରାତନ ବୌଦ୍ଧି ଓ କଳାତ୍ମକ ଐତିହ୍ୟର ଏକ ଅତ୍ୟନ୍ତ ମୂଲ୍ୟବାନ ସ୍ୱିକୃତି ବୋଲି ସେ ମତ ରଖିଛନ୍ତି। ଏହି ଐତିହାସିକ ସଫଳତା ସହିତ ଭାରତ ୟୁନେସ୍କୋ ମେମୋରି ଅଫ୍ ଦ ୱାର୍ଲଡ ରେଜିଷ୍ଟରରେ ୧୪ଟି ସ୍ଥାନ ଅଧିକାର କରିଛି ।

## ଚାଷୀ–ମାଲେସିଆ ଗସ୍ତ

ଆଧୁନିକ ଉଦ୍ୟାନ କୃଷି ପ୍ରଣାଳୀ, ଯନ୍ତ୍ରପାତିର ଉପଯୋଗ ଓ ଜଳବାୟୁ ଅନୁକୂଳ କୃଷି ସମ୍ବନ୍ଧରେ ଜ୍ଞାନ ଆହରଣ ପାଇଁ ରାଜ୍ୟର ବିଭିନ୍ନ ଅଂଚଳର ୨୮ ଜଣ ଚାଷୀ ଓ ଅଧିକାରୀ ମାଲେସିୟା ଗସ୍ତରେ ଯାଉଛନ୍ତି। ଭୁବନେଶ୍ୱର କୃଷକ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମାଲେସିୟା ଗସ୍ତରେ ଯବା ପୂର୍ବରୁ

ଅଂଶଗ୍ରହଣକାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ପାରମ୍ପରିକ କୃଷି ସହିତ ବୈଜ୍ଞାନିକ ପଦ୍ଧତି ତଥା ଯନ୍ତ୍ରପାତିର ବ୍ୟବହାର ସମ୍ପର୍କରେ ଶିକ୍ଷା ଗ୍ରହଣ ପାଇଁ ପରାମର୍ଶ ଦେଇଥିଲେ ।

**-V/O-***(K.V. Singhdeo)*

ସୂଚନା ଅନୁସାରେ, ଓଡ଼ିଶା ଜଳବାୟୁ ସହନଶୀଳ କୃଷି ପାଇଁ ସମନ୍ୱିତ ଜଳସେଚନ ପ୍ରକଳ୍ପ ଅଧୀନରେ ୨୮ ଜଣ ପ୍ରଶିକ୍ଷଣ ନେବା ପାଇଁ ମାଲେସିୟା ଗସ୍ତରେ ଯାଉଛନ୍ତି ।

## ଜେଇଇ-ମେନ୍

ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ପକ୍ଷରୁ ଆସନ୍ତାକାଲି ଜେଇଇ-ମେନ୍-୨୦୨୫ ଦ୍ୱିତୀୟ ସେସନର ପରୀକ୍ଷା ଫଳ ପ୍ରକାଶ ପାଇବ । ଏ ନେଇ ଏନ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି ।  ପରୀକ୍ଷା ଫଳ ପ୍ରକାଶ କରିବା ପୂର୍ବରୁ ଆଜି ପ୍ରଶ୍ନପତ୍ରର ଉତ୍ତରପୁସ୍ତିକା ପ୍ରକାଶ ପାଇଛି । ଛାତ୍ରଛାତ୍ରୀଙ୍କ ପାଇଁ jeemain.nta.nic.inରେ ପରୀକ୍ଷା ଫଳ ଉପଲବ୍ଧ ହେବ ।

## ଖଣି

ସୁନ୍ଦରଗଡ଼ ଜିଲ୍ଲା ଖଣି ଚୋରି ମାମଲାରେ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି ।  ଏହି ମାମଲାରେ ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି ।

## ଛତିଶାନିଯୋଗ ବୈଠକ

ପୁରୀ ନିଳାଦ୍ରୀ ଭକ୍ତନିବାସରେ ଅକ୍ଷୟତୃତୀୟା ନୀତି ନିର୍ଘଣ୍ଟ ନେଇ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ନୀତିକାନ୍ତିର ସୁପରିଚାଳନା ନେଇ ଆଲୋଚନା ହୋଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।

## ପିଏମ୍‌ଶ୍ରୀ

**ନୟାଗଡ଼** ଜିଲ୍ଲା ଓଡଗାଁ ବ୍ଲକ୍ ସୋଲପଟା ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବକୁ ବାଚସ୍ପତି ସୁରମା ପାଢ଼ୀ ଉଦ୍‌ଘାଟନ କରିଛନ୍ତି। ଶିଶୁର ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ପ୍ରତିଟି ବିଦ୍ୟାଳୟରେ ବାର୍ଷିକ ଉତ୍ସବ ହେବାର ଆବଶ୍ୟକତା ରହିଛି ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି। ପାଠପଢ଼ା ସହିତ ଖେଳକୁଦରେ ଭାଗନେଇ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିବାକୁ ଛାତ୍ରଛାତ୍ରୀମାନଙ୍କୁ ସାଂସଦ ସମ୍ବିତ୍ ପାତ୍ର ଏହି ଅବସରରେ ପରାମର୍ଶ ଦେଇଥିଲେ।

## କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ଭଦ୍ରକ** ଜିଲ୍ଲା ଚାନ୍ଦବାଲିଠାରେ ଭାରତୀୟ ଜନତା ପାର୍ଟିର ବିଧାନସଭାସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ କେନ୍ଦ୍ର ତଥା ରାଜ୍ୟକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଦିଗରେ ପଦକ୍ଷେପ ନେବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ।

## ତାଲିମ ଶିବିର

ରାଜ୍ୟ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ **ନବରଙ୍ଗପୁର** ଜିଲ୍ଲା ସାନମସୀ ଗାଁଠାରେ ମହିଳା ବୁଣାକାରମାନଙ୍କ ପାଇଁ  ଏକ ମୌଳିକ

ବୟନ ତାଲିମ ଶିବିର ଅନୁଷ୍ଠିତ ହେଉଛି। ବୁଣାକାରମାନଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧୀନରେ ଏହି ୬ ମାସିଆ ତାଲିମ ଶିବିର ଅନୁଷ୍ଠିତ ହେଉଛି। ତାଲିମ୍ ଅବଧି ମଧ୍ୟରେ ମହିଳାମାନଙ୍କୁ ଦୈନିକ ୨ ଶହ ଟଙ୍କା ଷ୍ଟାଇପେଣ୍ଡ ପ୍ରଦାନ କରାଯାଉଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ବିଶ୍ୱ ଐତିହ୍ୟ ଦିବସ

ସାଂସ୍କୃତିକ ଐତିହ୍ୟର ବିବିଧତା ଉପରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ଐତିହ୍ୟ ଦିବସପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ବିପର୍ଯ୍ୟୟ ଓ ସଂଘର୍ଷରେ ବିପଦରେ ଥିବା ଐତିହ୍ୟ- ପ୍ରସ୍ତୁତି ଏବଂ ମୁକାବିଲା' । ଆନ୍ତର୍ଜାତୀୟ ସ୍ଥାପତ୍ୟ ପରିଷଦର ପ୍ରସ୍ତାବ ଅନୁସାରେ ଆଜିର ଦିନକୁ ବିଶ୍ୱ ଐତିହ୍ୟ ଦିବସ ଭାବେ ପାଳନ କରିବା ଲାଗି ୟୁନେସ୍କୋ ସାଧାରଣ ପରିଷଦ ୧୯୮୨ ମସିହାଠାରୁ ନିଷ୍ପତ୍ତି ନେଇଥିଲା । ଏ ପର୍ଯ୍ୟନ୍ତ ବିଶ୍ୱ ଐତିହ୍ୟ ତାଲିକାରେ ଭାରତର ୪୩ଟି ସ୍ଥାନ ଥିବାବେଳେ ୟୁନେସ୍କୋର ଅସ୍ଥାୟୀ ତାଲିକାରେ ୬୨ଟି ସ୍ଥାନ ରହିଛି।

ଆଜି ବିଶ୍ୱ ଐତିହ୍ୟ ଦିବସ ପାଳନ ଅବସରରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏ.ଏସ୍.ଆଇ. ଦେଶର ସମସ୍ତ ସଂରକ୍ଷିତ ସ୍ମାରକୀରେ ପ୍ରବେଶ ଶୁଳ୍କ ଛାଡ଼ କରାଯାଇଛି।

## ପାଣିପାଗ

ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ଉପକୂଳ ତଥା ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହୋଇଯାଇଛି। ଉତ୍ତର ଓଡ଼ିଶାର ମୟୂରଭଞ୍ଜ ଓ ଭଦ୍ରକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇଥିବାର ସୂଚନା ମିଳିଛି। ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗତ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜର ମୁରୁଡାଠାରେ ସର୍ବାଧିକ ୧୦୦ ମିଲିମିଟର ବର୍ଷା ରେକର୍ଡ ହୋଇଛି।

ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ କାଳବୈଶାଖୀର ପ୍ରଭାବ ଲାଗି ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର କେତେକ ସ୍ଥାନରେ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ବିଜୁଳି, ଘଡଘଡ଼ି ଓ ବର୍ଷା ନେଇ କଟକ, ଖୋର୍ଦ୍ଧା ସମେତ ୧୮ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।

*********************************